# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 13 June – 2026

**********************************

## ମୁଖ୍ୟ ସମ୍ବାଦ

- ପୁରୀଠାରେ ରେଳ ଭିତ୍ତିଭୂମି ପ୍ରକଳ୍ପ ଓ ଯାତ୍ରୀ ସୁବିଧାର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କଲେ ରାଜ୍ୟପାଳ

- ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତକୁ ଦୃଷ୍ଟିରେ ରଖି ଲୋକସେବା ଭବନରେ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

- କନ୍ୟା ସନ୍ତାନଙ୍କ ସଶକ୍ତୀକରଣରେ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଛି 'ବେଟି ବଚାଓ, ବେଟି ପଢ଼ାଓ' ଅଭିଯାନ

ଏବଂ

- କାଳବୈଶାଖୀ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବଜ୍ରପାତ ସହ ବର୍ଷା ନେଇ ପାଣିପାଗ କେନ୍ଦ୍ରର ସତର୍କ ସୂଚନା

HS

## ରାଜ୍ୟପାଳ– ସମୀକ୍ଷା ବୈଠକ

ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଆଜି ପୁରୀସ୍ଥିତ ଲୋକଭବନଠାରେ ରେଳବାଇ ଅଧିକାରୀଙ୍କ ସହିତ ସମୀକ୍ଷା ବୈଠକ କରିଛନ୍ତି। ଏହି ଅବସରରେ ରାଜ୍ୟପାଳ ରେଳ ଭିତ୍ତିଭୂମି ପ୍ରକଳ୍ପ ଓ ଯାତ୍ରୀ ସୁବିଧାର ଅଗ୍ରଗତି ସମ୍ପର୍କରେ ଅବଗତ ହୋଇଛନ୍ତି। ବୈଠକରେ ରେଳ ସଂଯୋଗୀକରଣରେ ଉନ୍ନତି, ଯାତ୍ରୀ ସେବା ବୃଦ୍ଧି ଏବଂ ଚାଲୁଥିବା କାର୍ଯ୍ୟଗୁଡ଼ିକର ସମୟସୀମା ମଧ୍ୟରେ ସମାପ୍ତ ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଛନ୍ତି। ରେଳ ଭିତ୍ତିଭୂମିକୁ ସୁଦୃଢ଼ କରିବା ଦ୍ୱାରା ରାଜ୍ୟରେ ପର୍ଯ୍ୟଟନ, ତୀର୍ଥଯାତ୍ରା ଓ ଆର୍ଥିକ ଅଭିବୃଦ୍ଧିକୁ ଆହୁରି ସମର୍ଥନ ମିଳିବ ବୋଲି ଡକ୍ଟର କମ୍ଭମପାଟି ମତବ୍ୟକ୍ତ କରିଛନ୍ତି। ରାଜ୍ୟପାଳ ପୁରୀ ରେଳଷ୍ଟେସନ୍ ପରିଦର୍ଶନ କରି ଅମୃତ ଭାରତ ଷ୍ଟେସନ୍ ଯୋଜନା ଅଧୀନରେ କରାଯାଉଥିବା ପୁନଃବିକାଶ କାର୍ଯ୍ୟ, ଯାତ୍ରୀ ସୁବିଧାର ମଧ୍ୟ ସମୀକ୍ଷା କରିଛନ୍ତି। ଆଗାମୀ ୨୦୨୭ ମସିହା ରଥଯାତ୍ରା ପୂର୍ବରୁ ରେଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟକୁ ଶେଷ କରିବା ପାଇଁ ରାଜ୍ୟପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

I&PR

## ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତି ଓଡ଼ିଶା ଗସ୍ତ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଓଡ଼ିଶା ଗସ୍ତ ପରିପ୍ରେକ୍ଷୀରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱରର ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷଠାରେ

ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସୁରକ୍ଷା ବ୍ୟବସ୍ଥା, ପ୍ରୋଟୋକଲ, କାରକେଡ ପରିଚାଳନା, ହେଲିପ୍ୟାଡ ପ୍ରସ୍ତୁତି, ବିମାନ ବନ୍ଦର ଆନୁଷଙ୍ଗିକ ବ୍ୟବସ୍ଥା, ଅତିଥିମାନଙ୍କ ସାମୟିକ ରହଣି, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା, ଅଗ୍ନିଶମ ସେବା, ସଡ଼କ ମରାମତି, ବିଦ୍ୟୁତ ଓ ପାନୀୟ ଜଳ ଯୋଗାଣ, ଟେଲି ଯୋଗାଯୋଗ ଏବଂ ଗଣମାଧ୍ୟମ ପରିଚାଳନା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଛି।

ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ପରିପ୍ରେକ୍ଷୀରେ ରାଇରଙ୍ଗପୁରଠାରେ ବିଭିନ୍ନ କାର୍ଯ୍ୟକ୍ରମ ଓ ସାଧାରଣ ସଭାରେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଯୋଗଦେବାର କାର୍ଯ୍ୟସୂଚୀ ରହିଛି। ରାଷ୍ଟ୍ରପତି ଆସନ୍ତା ୧୯ ତାରିଖରେ ଏବଂ ପ୍ରଧାନମନ୍ତ୍ରୀ ଆସନ୍ତା ୨୦ ତାରିଖରେ ରାଇରଙ୍ଗପୁରଠାରେ ପହଞ୍ଚି ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ। ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ପୁଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ଏଥିନିମନ୍ତେ ୧୫୦ ପ୍ଲାଟୁନ୍ ଫୋର୍ସ ମୁତୟନ ହେବା ନେଇ ପୂର୍ବାଞ୍ଚଳ ଉପ ଆରକ୍ଷୀ ମହାନିର୍ଦ୍ଦେଶକ–ଡି.ଆଇ.ଜି. ସୂଚନା ଦେଇଛନ୍ତି।

Koraput

## ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି

ରାଜ୍ୟ ସରକାରଙ୍କର ଦୁଇ ବର୍ଷ ପୂର୍ତ୍ତି ଅବସରରେ କୋରାପୁଟଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ ସରକାରଙ୍କ ବିଭିନ୍ନ ସଫଳତା

ସମ୍ପର୍କରେ ଆଲୋକପାତ କରିଛନ୍ତି। ଗତ ଦୁଇ ବର୍ଷରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଗମନାଗମନ, ପର୍ଯ୍ୟଟନ ଏବଂ ମହିଳା ସଶକ୍ତୀକରଣ କ୍ଷେତ୍ରରେ ରାଜ୍ୟ ସରକାର ବିଭିନ୍ନ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି। ମାଣ୍ଡିଆ ଉତ୍ପାଦନରେ ଜିଲ୍ଲା ପ୍ରଥମ ସ୍ଥାନ ଅଧିକାର କରିବା ସହ କୋରାପୁଟ କଫି ଆନ୍ତର୍ଜାତୀୟ ବଜାରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଛନ୍ତି।

Ganjam

## ପ୍ରକଳ୍ପ ସମୀକ୍ଷା

ରାଜ୍ୟ ସରକାରଙ୍କ ଆଇନ, ପୂର୍ତ୍ତ ଓ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଆଜି ଦିନିକିଆ ଗଞ୍ଜାମ ଗସ୍ତରେ ଯାଇ ଦୁଇଟି ପ୍ରକଳ୍ପର ସମୀକ୍ଷା କରିଛନ୍ତି। ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଋଷିକୂଲ୍ୟା ନଦୀ ଉପରେ ୧୫୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କାରେ ନିର୍ମାଣାଧୀନ କଂସାରୀଗଣ୍ଡ ବ୍ୟାରେଜକୁ ବୁଲି ଦେଖିବା ସହ ଏହାକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ପ୍ରକଳ୍ପ ଦ୍ୱାରା ୧୬ଟି ଗ୍ରାମର ୧ ଲକ୍ଷ ୫୨ ହଜାର ୬୦୦ ଲୋକ ଉପକୃତ ହେବେ।  ଛତ୍ରପୁର ବ୍ଲକର ଗଙ୍ଗାପୁରଠାରେ ଏକ ମେଗା ପାନୀୟ ଜଳ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଖୁବ୍‌ଶୀଘ୍ର ଶେଷ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

**- V/O –**

Desk

## ଗଣଯୋଗ ଅଭିଯାନ

ଅନ୍ତର୍ଜାତୀୟ ଯୋଗଦିବସ ୨୦୨୬ ଅବସରରେ ଭାରତ ସରକାରଙ୍କ ଆୟୁଷ ମନ୍ତ୍ରାଳୟ ପକ୍ଷରୁ ଆୟୋଜିତ ଗିନିଜ ୱାର୍ଲଡ ରେକର୍ଡ ପାଇଁ ଗଣଯୋଗ ଅଭିଯାନ ଆସନ୍ତାକାଲି ସକାଳ ୬ଟା ୧୫ରୁ ୭ଟା ୩୫ ମିନିଟ୍ ପର୍ଯ୍ୟନ୍ତ ଆଭାସୀ ମାଧ୍ୟମରେ ଆୟୋଜିତ ହେବ। ଏହି ଅଭିଯାନରେ ସକ୍ରିୟ ଭାବେ ଅଂଶଗ୍ରହଣ କରିବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ରାଜ୍ୟବାସୀଙ୍କୁ ଆହ୍ୱାନ ଦେଇଛନ୍ତି। କାର୍ଯ୍ୟକ୍ରମରେ ଅଂଶଗ୍ରହଣ ପାଇଁ ଟୋଲ୍-ଫ୍ରି ନମ୍ବର ୧୮୦୦-୩୧୫-୭୦୦୮କୁ ଏକ ମିସ୍‌ଡ କଲ୍ କରି ଆଗ୍ରହୀ ବ୍ୟକ୍ତିମାନେ ନିଜର ନାମ ପଞ୍ଜୀକରଣ କରିପାରିବେ।

Desk

## ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ଆସନ୍ତା ସୋମବାର ଦିନ ବନ୍ଦ ରହିବ। ରଜସଂକ୍ରାନ୍ତି ପାଇଁ ସରକାରୀ ଛୁଟିଦିନକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯିବ।

Desk

## ବେଟି ବଚାଓ-ବେଟି ପଢ଼ାଓ

ଦେଶବ୍ୟାପୀ କନ୍ୟା ସନ୍ତାନଙ୍କୁ ସଶକ୍ତ କରିବା ଏବଂ ସାମାଜିକ ଦୃଷ୍ଟିକୋଣକୁ ପରିବର୍ତ୍ତନ କରିବାରେ ‘ବେଟି ବଚାଓ ବେଟି ପଢ଼ାଓ’ ଅଭିଯାନ ଏକ ପ୍ରମୁଖ ପରିବର୍ତ୍ତନକାରୀ ପଦକ୍ଷେପ ଭାବେ ଉଭା ହୋଇଛି। ୨୦୧୫ ମସିହାରେ ଲିଙ୍ଗଗତ ଅସମାନତା ଏବଂ ବୈଷମ୍ୟକୁ ପ୍ରତିହତ କରିବା ଲକ୍ଷ୍ୟ ନେଇ ଏହି ଅଭିଯାନ ଆରମ୍ଭ କରାଯାଇଥିଲା। କନ୍ୟା ସନ୍ତାନଙ୍କର ସୁରକ୍ଷା, ଶିକ୍ଷା, ଏବଂ ବଞ୍ଚିବାର ଅଧିକାରକୁ ସୁରକ୍ଷା ପ୍ରଦାନ କରିବାରେ ଏହି ଯୋଜନା ବେଶ୍ ଫଳପ୍ରଦ ସାବ୍ୟସ୍ତ ହୋଇଛି। ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ କହିଛି, ଗତ ଦଶନ୍ଧି ମଧ୍ୟରେ ଲିଙ୍ଗଗତ ଅସମାନତା ବହୁ ପରିମାଣରେ ହ୍ରାସ ପାଇଛି। ଶିକ୍ଷା କ୍ଷେତ୍ରରେ କନ୍ୟା ସନ୍ତାନଙ୍କର ଅଂଶଗ୍ରହଣ ବୃଦ୍ଧି ପାଇଛି। କନ୍ୟା ସନ୍ତାନଙ୍କ ପାଇଁ ଏକ ଉତ୍ତମ ପରିବେଶ ସୃଷ୍ଟି କରିବା, ଗୋଷ୍ଠୀଗତ ସଂପୃକ୍ତି, ସଚେତନତା ଏବଂ କେନ୍ଦ୍ର ଓ ରାଜ୍ୟଗୁଡ଼ିକ ମଧ୍ୟରେ ସମନ୍ୱିତ ଭାବେ କାର୍ଯ୍ୟ କରିବାରେ ଏହି ଯୋଜନା ବେଶ୍ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଛି ବୋଲି ମନ୍ତ୍ରଣାଳୟ କହିଛି।

HS

## ମନ୍ତ୍ରୀ– ଏଲ୍ ନିନୋ

ଏଲ୍ ନିନୋକୁ ନେଇ ରାଜ୍ୟର ଚାଷୀମାନଙ୍କୁ ବ୍ୟତିବ୍ୟସ୍ତ ନ ହେବା ପାଇଁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। କମ୍ ବର୍ଷା ହେଲେ ମଧ୍ୟ ରାଜ୍ୟ ସରକାରଙ୍କ ପାଖରେ ବିକଳ୍ପ ଯୋଜନା ପ୍ରସ୍ତୁତ ରହିଛି। ଜଳସେଚନ ପ୍ରକଳ୍ପଗୁଡ଼ିକୁ ପ୍ରସ୍ତୁତ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ ଚାଷୀମାନଙ୍କୁ ଆଶ୍ୱାସନା ଦେଇ କହିଛନ୍ତି।

Desk

## କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ଦେଶକୁ ବିଶ୍ୱର ଅଗ୍ରଣୀ ଶକ୍ତି ଭାବେ ପ୍ରତିଷ୍ଠିତ କରିବାରେ ଯୁବପୀଢ଼ୀଙ୍କ ଭୂମିକା ନିର୍ଣ୍ଣାୟକ ହେବ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ମଧ୍ୟପ୍ରଦେଶର ଭୋପାଳଠାରେ ଆଜି ଯୁବ ଖେଳାଳିଙ୍କ ସହ ମତବିନିମୟ କରି କେନ୍ଦ୍ରମନ୍ତ୍ରୀ କହିଛନ୍ତି ଜାତୀୟ ଶିକ୍ଷାନୀତି-୨୦୨୦ ଶିକ୍ଷା ବ୍ୟବସ୍ଥାରେ ଏକ ନୂତନ ଦିଗନ୍ତ ସୃଷ୍ଟି କରିଛି। ପାଠପଢ଼ା ସହିତ ଖେଳର ଧାରଣାକୁ ଗୁରୁତ୍ୱ ଦେଇ ଛାତ୍ରଛାତ୍ରୀଙ୍କ ଶିକ୍ଷା, ପ୍ରତିଭା ଓ କୌଶଳର ବିକାଶ ଉପରେ ସରକାର ଗୁରୁତ୍ୱ ଦେଇଆସୁଛନ୍ତି। ଏକାଡେମିକ ବ୍ୟାଙ୍କ କ୍ରେଡିଟ  ଏବଂ ଆପାର୍ ଆଇଡି ଭଳି ନୂତନ ପଦକ୍ଷେପ ଛାତ୍ରଛାତ୍ରୀଙ୍କ ଅନୁଭବ, ସଫଳତା ଓ କୌଶଳକୁ ସ୍ୱୀକୃତି ପ୍ରଦାନ କରିବା ସହିତ ଶିକ୍ଷା ଓ କୌଶଳ ମଧ୍ୟରେ ଦୃଢ଼ ସମନ୍ୱୟ ସ୍ଥାପନ କରୁଛି। ୨୦୩୬ ଅଲମ୍ପିକ ପ୍ରସ୍ତୁତିଠାରୁ ଆରମ୍ଭ କରି ବିକଶିତ ଭାରତ ୨୦୪୭ର ସଂକଳ୍ପ ପୂରଣ ପର୍ଯ୍ୟନ୍ତ ଯୁବଶକ୍ତି ଭାରତର ସାମର୍ଥ୍ୟ ଓ ସମ୍ଭାବନାର ପ୍ରତୀକ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ମତବ୍ୟକ୍ତ କରିଛନ୍ତି।

Malkangiri

## ସ୍ୱତନ୍ତ୍ର ସୁଇପ୍ ଅଭିଯାନ

ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ବଣ୍ଡା ଓ ଦିଦାୟୀ ଆଦିମ ଜନଜାତିଙ୍କୁ ଭୋଟର ତାଲିକାରେ ସମିଲ କରିବା ଲକ୍ଷ୍ୟ ନେଇ ସୁଇପ ସଚେତନତା ଅଭିଯାନ ଆରମ୍ଭ କରାଯାଇଛି। ଜିଲ୍ଲାର ଦୁର୍ଗମ ଓ ପାହାଡ଼ିଆ ଅଞ୍ଚଳରେ ବସବାସ କରୁଥିବା ଆଦିମ ଜନଜାତି ସମ୍ପ୍ରଦାୟର ନାଗରିକଙ୍କୁ

ଶତପ୍ରତିଶତ ନିର୍ବାଚନ ପ୍ରକ୍ରିୟାରେ ସାମିଲ କରିବା ପାଇଁ ପ୍ରଶାସନ ପକ୍ଷରୁ ଉଦ୍ୟମ ଆରମ୍ଭ କରାଯାଇଛି। ବଣ୍ଡା, କୋୟା ଓ ଆଦିମ ଜନଜାତି ଲୋକଙ୍କ ପାଖରେ ପହଞ୍ଚି ସେମାନଙ୍କୁ ଭୋଟ ଅଧିକାର ସମ୍ପର୍କରେ ସଚେତନ କରାଯାଉଛି। ଜିଲ୍ଲାର ଖଇରପୁଟ ଓ ପଡ଼ିଆ ବ୍ଲକର ବିଭିନ୍ନ ଗ୍ରାମ ପଞ୍ଚାୟତରେ ଏହି ସ୍ୱତନ୍ତ୍ର ସଚେତନତା ଶିବିର ଆୟୋଜନ କରାଯାଇ ମତାଧିକାର ସାବ୍ୟସ୍ତ କରିବା ପାଇଁ ସମ୍ପ୍ରଦାୟର ଲୋକଙ୍କୁ ଉତ୍ସାହିତ କରାଯାଉଛି। ସମସ୍ତ ଯୋଗ୍ୟ  ନାଗରିକଙ୍କୁ ଭୋଟର ତାଲିକାରେ ସାମିଲ କରିବା ଏହାର ଲକ୍ଷ୍ୟ ବୋଲି ସୁଇପ ନୋଡାଲ ଅଧିକାରୀ ସୂଚନା ଦେଇଛନ୍ତି।

Desk

## ସୁଦର୍ଶନ ପଟ୍ଟନାୟକଙ୍କୁ ଶୁଭେଚ୍ଛା

ସୁନାମଧନ୍ୟ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ରୁଷିଆରେ ଅନୁଷ୍ଠିତ ଆନ୍ତର୍ଜାତୀୟ ବାଲୁକାକଳା ମହୋତ୍ସବରେ ଯୋଗଦେଇ 'ରୁଷିଆନ୍ ଗ୍ରାଣ୍ଡ ସ୍ୟାଣ୍ଡ ମାଷ୍ଟର କପ୍' ବିଜୟୀ ହୋଇଛନ୍ତି। ତାଙ୍କର ଏହି ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭେଚ୍ଛା ଜଣାଇ କହିଛନ୍ତି, ଓଡ଼ିଆ ଅସ୍ମିତା, ସମୃଦ୍ଧ କଳା-ସଂସ୍କୃତି ଓ ଐତିହ୍ୟକୁ ବିଶ୍ୱ ଦରବାରରେ ପହଁଞ୍ଚାଇ ଶ୍ରୀ ପଟ୍ଟନାୟକ ଓଡ଼ିଶାକୁ ଗୌରବାନ୍ୱିତ କରିଛନ୍ତି।

Koraput

## ରକ୍ତଦାତା ଦିବସ

ଅନ୍ତର୍ଜାତୀୟ ରକ୍ତଦାତା ଦିବସ ଅବସରରେ ସୀମା ସୁରକ୍ଷା ବଳ-ବିଏସ୍ଏଫ୍ ପକ୍ଷରୁ କୋରାପୁଟସ୍ଥିତ ସେକ୍ଟର ମୁଖ୍ୟାଳୟ ପରିସରରେ ଏକ

ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଶିବିରରେ ରକ୍ତଦାତାଙ୍କଠାରୁ ମୋଟ ୯୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। କୋରାପୁଟସ୍ଥିତ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲର ଚିକିତ୍ସକ ଦଳ ରକ୍ତ ସଂଗ୍ରହ କାର୍ଯ୍ୟକୁ ସଫଳତାର ସହ ସମ୍ପନ୍ନ କରିଛନ୍ତି।

Desk

# ପାଣିପାଗ

ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁ ରାଜ୍ୟର ଉପକୂଳ ଅଞ୍ଚଳରେ ପ୍ରବେଶ କରିବା ପରେ ବର୍ତ୍ତମାନ ଉତ୍ତର ଭାଗକୁ ଅଗ୍ରସର ହେଉଛି। ଆଗାମୀ ୨ରୁ ୩ ଦିନ ମଧ୍ୟରେ ମୌସୁମୀବାୟୁ ରାଜ୍ୟର ଅଧିକାଂଶ ସ୍ଥାନକୁ ଅଗ୍ରସର ହେବା ନେଇ ପାଗ ଅନୁକୂଳ ରହିଛି ବୋଲି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି। କାଳବୈଶାଖୀ ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଅନ୍ୟପକ୍ଷରେ ଗରମ ଓ ଗୁଳୁଗୁଳି ନେଇ ଆଜି ଓ ଆସନ୍ତାକାଲି ପାଇଁ ୧୧ଟି ଜିଲ୍ଲାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ କରାଯାଇଛି।